## ବେଆଇନ ବାଲି ଚାଲାଣ ରୋକିବାକୁ ପ୍ରୟାସ

**ନୟାଗଡ ଅଫିସ:** ନୟାଗଡ ଜିଲାରେ ବେଆଇନ ବାଲି ଚାଲାଣ ବଢ଼ିଛି। ଏଭଳିସ୍ଥଳେ ଜିଲାର ବିଭିନ୍ନ ଥାନା ପକ୍ଷରୁ ଧରପଗଡ ଆରମ୍ଭ ହୋଇଛି। ଇଟାମାଟି ପୋଲିସ ପକ୍ଷରୁ ଶୁଳିଆ ନଦୀର ବଉଳିସାହି ବାଲିଘାଟରୁ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଥାନାରେ ପୋଲିସ ନଂ. ୧୭୫/୨୦ରେ ମାମଲା ରୁଜୁ କରିଛି। ଲାଠିପଡା ଗାଁର ମାଲିକ/ଡ୍ରାଇଭର କୈଳାସ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ କୈଳାସଙ୍କୁ ନୟାଗଡ ସବ୍ ଜେଲକୁ ପଠାଇ ଦିଆଯାଇଛି।

# ଚିନାବାଦାମ ବିହନରୁ ୧୦ ହଜାର ଚାଷୀ ବଞ୍ଚିତ

ରସୁଲପୁର,୧୭।୧୧(ଡି.ଏନ.ଏ.)



**ରସୁଲପୁର ବ୍ଲକ**
- ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ନୈରାଶ୍ୟଜନକ
- ସମସ୍ତ ଚାଷୀଙ୍କୁ ରିହାତି ଦେବାକୁ ଦାବି

ରସୁଲପୁର ବ୍ଲକ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଚିନାବାଦାମ ଚାଷୀ ସରକାରୀ ବିହନ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲାର ଅଗ୍ରଣୀ କୃଷି ବ୍ଲକ ଭାବେ ପରିଚିତ ଏହି ବ୍ଲକ ଅଞ୍ଚଳରେ ବିଭାଗ ପକ୍ଷରୁ ଚକଦାରି ବାଦାମ ଚାଷ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗଲା କେତେ ବର୍ଷ ହେଲା ଅନୁରୂପ ଢଙ୍ଗରେ ଉକ୍ତ ଚାଷ କରାଯାଉଛି। ଆଗଭଳି ଆଉ ସମଗ୍ର ଚାଷୀକୁ ରିହାତି ବାଦାମ ବିହନ ମିଳୁନାହିଁ। ଚକଦାରି ଚାଷ ହେବା ଫଳରେ ଅତି ନଗଣ୍ୟ ସଂଖ୍ୟକ ଚାଷୀ ଉପକୃତ ହେଉଛନ୍ତି। ଚାଷୀଙ୍କ ଭିତରେ ବାଛବିଚାର କରା ନ ଯାଉ ବୋଲି ଦାବି ହେଉଛି। ରବି ଓ ଖରିଫ ଋତୁରେ ରିହାତି ବାବଦକୁ ଅର୍ଥ ପ୍ରତ୍ୟେକ ଚାଷୀଙ୍କ ଜମାଖାତାକୁ ପ୍ରଦାନ କରାଯାଉ। ଏଭଳି ହେଲେ ଚାଷୀ ଉକ୍ତ ଅର୍ଥକୁ ବ୍ୟୟ କରି ଖୋଲାବଜାରରୁ ବିହନ, କୀଟନାଶକ ଆଦି କିଣିବାରେ ସକ୍ଷମ ହୋଇପାରିବେ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

ବ୍ଲକ କୃଷି କାର୍ଯ୍ୟାଳୟ ସୂଚନା ଅନୁସାରେ, ପୂର୍ବବର୍ଷ ତୁଳନାରେ ଚଳିତବର୍ଷ କମ୍ ପରିମାଣ କ୍ଷେତରେ ବାଦାମ ଚାଷ ହେଉଛି। ପୂର୍ବରୁ ବ୍ଲକର ୧୦ ହଜାର ହେକ୍ଟର ଚାଷ ଜମିରୁ ହାରାହାରି ୬ ହଜାର ହେକ୍ଟର ଜମିରେ ବାଦାମ ଚାଷ ହେଉଥିଲା। ତେବେ ଉତ୍ପାଦନ କମିବା, ଅମଳ ସମୟରେ ବାଦାମ ଦାମ ଆଶାତୀତ ଭାବେ କମିଯିବା, ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ନ ମିଳିବା କାରଣରୁ ଏ ବର୍ଷ ୩୭୫୦ ହେକ୍ଟର ଜମିରେ ବାଦାମ ଚାଷ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ବ୍ଲକ ଅଞ୍ଚଳରେ ପ୍ରକୃତ ଚାଷୀଙ୍କ ସଂଖ୍ୟା ୩୦ହଜାରରୁ ଊର୍ଦ୍ଧ୍ୱ ରହିଛି। ତେବେ ସେମାନଙ୍କ ମଧ୍ୟରୁ ଶତକଡା ୪୦ ଭାଗ ଚାଷୀ ଚିନାବାଦାମ ଚାଷ କରୁଛନ୍ତି। ଉକ୍ତ ଚାଷୀଙ୍କ ମଧ୍ୟରୁ ୨୫୦ ଚାଷୀଙ୍କୁ ସରକାରୀ ରିହାତି ବିହନର ଫାଇଦା ମିଳିବ ବୋଲି କୃଷି ବିଭାଗ ସୂତ୍ରରୁ ଜଣାପଡିଛି। ବ୍ଲକ ଅଞ୍ଚଳରେ ହେଉଥିବା ବାଦାମ ଚାଷର ମାତ୍ର ୧୫ ଶତକଡା ଜମିକୁ ସହାୟତା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରେ ପୁଣି ଚାଷୀଙ୍କ ଶତକଡା ୪୦ ଭାଗ ଅଂଶଧନ ସାମିଲ ରହିବ। ସେହି ହିସାବରେ ବ୍ଲକର ଟିକରପଡା, ମଙ୍ଗରାଜପୁର ପଞ୍ଚାୟତର ଖଣ୍ଡାସ, ରସୁଲପୁର ପଞ୍ଚାୟତର ଚଣ୍ଡିପୁର ଗ୍ରାମରେ ୫୦ ହେକ୍ଟର ଲେଖାଏ ମୋଟ ୨୫୦ ହେକ୍ଟର ଜମିରେ ବାଦାମ ଚାଷ ହେଉଛି। ହେକ୍ଟର ପିଛା ୨୨୫ କିଲୋ ବାଦାମ ବିହନ ଦରକାର। ସେଥିରୁ ୧୫୦ କିଲୋ କୃଷି ବିଭାଗ ଯୋଗାଉଛି। ବଳକା ୭୫ କିଲୋ ବିହନ ଚାଷୀ ଭାଗ ସାମିଲ ହେବ। ସେହି ହାରରେ ୨୨୫୦ କୁଇଣ୍ଟାଲ ବାଦାମ ବିହନ ବ୍ଲକକୁ ଆସିଛି। ଉକ୍ତ ବିହନକୁ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଜରିଆରେ ବଣ୍ଟନ କରାଯାଉଛି। ଏହି ବର୍ଗର ଚାଷୀଙ୍କୁ ମଧ୍ୟମ ବର୍ତ୍ତୀ ପର୍ଯ୍ୟାୟରେ ପୋକମରା ଔଷଧ ପ୍ରଦାନ କରାଯିବ। ଉକ୍ତ ବାଦାମ ଚାଷ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଲେ ସେ ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ମିଳିବ ନାହିଁ। କେତେ ଉତ୍ପାଦନ ହେବ ସେ ନେଇ କୃଷି ବିଭାଗ ଆଗୁଆ ଆକଳନ କରିବାରେ ବିଫଳ ହୋଇଛି। ପାଣିପାଗ ଅନୁକୂଳ ରହିଲେ ଭଲ ଅମଳ ହେବ ବୋଲି ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ କହିଛନ୍ତି।

## ସଂକ୍ଷେପରେ

### ରଶି ଲଗାଇ ବ୍ୟକ୍ତିଙ୍କ ଆତ୍ମହତ୍ୟା

**ବରୀ,୧୭।୧୧(ଡି.ଏନ.ଏ.):** ରଶି ଲଗାଇ ସୋମବାର ରାତିରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ବରୀ ବ୍ଲକ ଧାରପୁର ପଞ୍ଚାୟତ ଧାରପୁର ଗ୍ରାମର ବିନୋଦ ବିହାରୀ ରାଜ(୫୩)। ଅଭିଯୋଗ ଆଧାରରେ ବରୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସମ୍ପୃକ୍ତ ବ୍ୟକ୍ତି ୪/୫ବର୍ଷ ଧରି ପରିବାରଠାରୁ ଅଲଗା ରହୁଥିଲେ। ପରିବାର ଲୋକେ ତାଙ୍କୁ ଆପଣେଇ ନେବାକୁ ଚେଷ୍ଟା କରୁଥିଲେ ମଧ ବିଫଳ ହୋଇଥିଲେ। ବାଙ୍କ ରାଜା ନାମରେ ପରିଚିତ ଏହି ବ୍ୟକ୍ତିଙ୍କ ଆତ୍ମହତ୍ୟା ଘଟଣା ପ୍ରଘଟ ହେବା ପରେ ଘଟଣାସ୍ଥଳରେ ଶହଶହ ଲୋକ ରୁଣ୍ଡ ହୋଇଥିଲେ। ଏନେଇ ଥାନରେ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୦)ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ରୁଦ୍ରପ୍ରସାଦ ନାୟକ ସୂଚନା ଦେଇଛନ୍ତି।

### ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଜେନାପୁର/ଧର୍ମଶାଳା,୧୭।୧୧ (ଡି.ଏନ.ଏ.):** ଜେନାପୁର ଥାନା ୫୩ନଂ. ଜାତୀୟ ରାଜପଥ ତାରିଣୀ ଛକଠାରେ ମଙ୍ଗଳବାର ଏକ ଟିପ୍ପର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ରାମଚନ୍ଦ୍ରପୁର ଗ୍ରାମର ବାସନ୍ତୀ ସ୍ୱାଇଁ (୫୦)। ସକାଳ ପ୍ରାୟ ୯ଟାରେ ବାସନ୍ତୀ ରାସ୍ତା ପାର ହେଉଥିବା ବେଳେ ଓଡି-୦୪ଜି-୫୭୪୧ନଂ. ଟିପ୍ପର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡଚଣା ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜେନାପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ୩୭୮/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ହାଇୱା-ଗ୍ୟାସ୍ ଟ୍ୟାଙ୍କର ମୁହାଁମୁହିଁ, ୨ ଗୁରୁତର

**ଧର୍ମଶାଳା,୧୭।୧୧(ଡି.ଏନ.ଏ.):** ଧର୍ମଶାଳା ଥାନା ୫୩ନଂ. ଜାତୀୟ ରାଜପଥ ଆରୁହା ଛକ ନିକଟରେ ମଙ୍ଗଳବାର ଏକ ହାଇୱା ସହିତ ଗ୍ୟାସ୍ ଟ୍ୟାଙ୍କର ଗାଡିର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡିର ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନେ ହେଲେ ନରସିଂହପୁର ଥାନା ଜାନିସାହିର ହାଇୱା ଡ୍ରାଇଭର ଟିଙ୍କୁ ଦେଉରି ଓ ଗ୍ୟାସ୍ ଟ୍ୟାଙ୍କର ଗାଡି ଡ୍ରାଇଭର ମୟୂରଭଞ୍ଜ ଜିଲାର ରଘୁନାଥ କେଣ୍ଡାକେଲା। ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ବିଧାୟିକାଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା



ବୈଠକରେ ବିଧାୟିକାଙ୍କ ସହ ଅନ୍ୟମାନେ ଉପସ୍ଥିତ।

**ବରୀ,୧୭।୧୧(ଡି.ଏନ.ଏ.):** ବିଧାୟିକା ସୁନନ୍ଦା ଦାସ ମଙ୍ଗଳବାର ବରୀ ଅଞ୍ଚଳ ଗସ୍ତ କରି ଏକ ପାନୀୟ ଜଳ ପ୍ରକଳ୍ପର ଭୂମିପୂଜା କାର୍ଯ୍ୟରେ ଯୋଗଦେବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ପ୍ରଥମେ ବାଲିବିଲି ପଞ୍ଚାୟତର ଢିହସାହି ଗ୍ରାମରେ ପହଞ୍ଚି ପାନୀୟ ଜଳ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ପାଖକୁ ଯାଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରି ପ୍ରୋତ୍ସାହନ ରାଶି ପାଇବାର ସୁଯୋଗ ନେବାକୁ ହିତାଧିକାରୀଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ୨୧ ନଂ ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ମହାକାଳପଡ଼ା ସରପଞ୍ଚ ପ୍ରଶାନ୍ତ ଆର୍ଯ୍ୟ, ଯୁବନେତା ହରିହର ପଣ୍ଡା, ପ୍ରଦୀପ ଜେନା, ବରୀ ସରପଞ୍ଚ କେଦାର ସାମଲ, ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ ଓ ବରୀ ବିଜେଡି ଆବାହକ ଦେବେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**କାଳିଆପାଣି,୧୭।୧୧(ଡି.ଏନ.ଏ.):** କାଳିଆପାଣି ଥାନା ନାତୁର ଜଙ୍ଗଲରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ହାତିସୁଙ୍ଗୁଡ଼ା ଗ୍ରାମର ପାଲ ତିଉ(୫୦)। ପାଲ ଓ ତାଙ୍କ ସ୍ୱାମୀ ରାମଚନ୍ଦ୍ର ସୋମବାର ପାଲଙ୍କ ଧରମ ବାପଘର ଟିଙ୍ଗୁଡ଼ିପାଳ ପଞ୍ଚାୟତ ବାଘୁଆସାହି ଗ୍ରାମର ପଦ୍ମଲୋଚନ ମହାନ୍ତଙ୍କ ଘରକୁ ଆସିଥିଲେ। କାମ ସାରି ଦମ୍ପତି ସନ୍ଧ୍ୟାରେ ଘରକୁ ଫେରିଥିଲେ। ରାତ୍ରିରେ ବାଘୁଆ ସାହି ନିକଟ ଜଙ୍ଗଲରେ ଯାଉଥିବା ବେଳେ ଅନ୍ଧାରରେ ରାସ୍ତା କଡ଼ରେ ଉଭୟ ପଡ଼ିଯାଇଥିଲେ। ରାମଚନ୍ଦ୍ର ଚେତା ହରାଇଥିଲେ। ଚେତା ଫେରିବା ପରେ ସେ ପାଲଙ୍କୁ ପାଇ ନ ଥିଲେ। ତେଣୁ ପାଲଙ୍କ ସାଙ୍ଗଘର ନାତୁର ଗ୍ରାମକୁ ଯାଇ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କରେ ବୁଝିଥିଲେ। ହେଲେ ସାଙ୍ଗ କିଛି କହି ପାରି ନ ଥିଲେ। ରାତି ହୋଇଥିବାରୁ ପାଲଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ରାମଚନ୍ଦ୍ର ଯାଇ ପୁଅଙ୍କୁ ମା' ହଜି ଯାଇଥିବା ଜଣାଇଥିଲେ। ପୁଅ ଆସି ଖୋଜିବା ପରେ ରାସ୍ତା କଡ଼ରେ ମା' ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀ ଓ ପାଲଙ୍କ ପୁଅ କାଳିଆପାଣି ଥାନାରେ ଜଣାଇଥିଲେ। ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଆସି ତଦନ୍ତ କରିଛି। ତଦନ୍ତ ପରେ ପାଲଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ସେବାୟତମାନେ ଘଣ୍ଟପିଟି ପ୍ରତିବାଦ ଜଣାଉଛନ୍ତି।

## ଘଣ୍ଟ ପିଟି ପ୍ରତିବାଦ ଜଣାଇଲେ ସେବାୟତ

**ଯାଜପୁର ଟାଉନ,୧୭।୧୧(ଡି.ଏନ.ଏ.):** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ସମ୍ମୁଖରେ ଘଣ୍ଟ ପିଟି ପ୍ରତିବାଦ ଜଣାଇଛନ୍ତି ମନ୍ଦିର ସେବାୟତ। ସରକାର ମନ୍ଦିର ଖୋଲନ୍ତୁ ନଚେତ ମାସିକ ୫ ହଜାର ଟଙ୍କା ସହାୟତା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

**ମନ୍ଦିର ଖୋଲିବା ଦାବି**

କରୋନା ମହାମାରୀ ପାଇଁ ମନ୍ଦିର ବନ୍ଦ କରାଯାଇଥିବାରୁ ରୋଜଗାର ହରାଇଛନ୍ତି ସେବାୟତ। ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଆଉ ଆସୁନାହାନ୍ତି। ଫଳରେ ପୂଜକମାନେ ଅଭାବ ଅନଟନ ଦେଇ ଗତି କରୁଛନ୍ତି। ସେବାୟତ ପାଳି ଅନୁସାରେ ମା'ଙ୍କ ନୀତି କ୍ରାନ୍ତି ସମାପନ କରୁଥିଲେ ମଧ ସାଧାରଣ ଦର୍ଶନ ବନ୍ଦ ରହିଥିବାରୁ ସେମାନଙ୍କ ରୋଜଗାର ବନ୍ଦ ହୋଇଯାଇଛି। ତେଣୁ ସରକାର ତୁରନ୍ତ ମନ୍ଦିର ଖୋଲିବା ନେଇ ଅନୁମତି ଦେବାକୁ ସେବାୟତ ଓ ଭକ୍ତମାନେ ଦାବି କରିଛନ୍ତି।

## ଧର୍ମଶାଳା ବ୍ଲକରେ କମୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା

**ଧର୍ମଶାଳା,୧୭।୧୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ସୋମବାର ଜଣଙ୍କୁ ମିଶାଇ ଏବେ ସୁଦ୍ଧା ବ୍ଲକରେ ମୋଟ ୭୮୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୪୮ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ୩୪ଟି ଆକ୍ଟିଭ୍ କେସ୍ ରହିଛି। ଜୁଲାଇ ଓ ଅଗଷ୍ଟ ବେଳକୁ ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଥିଲା। ହେଲେ ଅକ୍ଟୋବର ଆରମ୍ଭରୁ ଏହା ହ୍ରାସ ପାଇବାରେ ଲାଗିଛି। ଜନ ସଚେତନତା ଯୋଗୁ ଆକ୍ରାନ୍ତଙ୍କ ସଂଖ୍ୟା କମିବା ସମ୍ଭବପର ହୋଇପାରିଛି। ତେବେ ଆଗକୁ ଶୀତ ଅଧିକ ହେବାର ସମ୍ଭାବନା ଥିବାରୁ ସଂକ୍ରମଣ ପୁଣି ବୃଦ୍ଧି ପାଇବା ନେଇ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ତେଣୁ ସାମାଜିକ ଦୂରତା ରକ୍ଷା ସହ ମାସ୍କ ପରିଧାନ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯାଉଛି।

## ପେଣ୍ଠ ସମୁଦ୍ରରେ ପ୍ରବେଶ ଉପରେ କଟକଣା

**ରାଜନଗର,୧୭।୧୧(ଡି.ଏନ.ଏ.):** କେନ୍ଦ୍ରାପଡ଼ାର ରାଜନଗର ନିକଟରେ ଥିବା ବଙ୍ଗୋପସାଗର ପେଣ୍ଠ ସମୁଦ୍ରରେ ଗାଧୋଇବା ଓ ପ୍ରବେଶ ଉପରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଏହି ପ୍ରଚାର କରାଯାଇଛି। ପେଣ୍ଠ ସମୁଦ୍ର ବେଳାଭୂମିର

**୨ଟି ଘଟଣା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ**

ଚିତୋଉକୋଲ୍ଲାଠାରୁ ଦୋବନ୍ଦି ଯାଏ ଏହି କଟକଣା ଜାରି କରାଯାଇଥିବା ରାଜନଗର ତହସିଲଦାର ଭୋଳାନାଥ ସେଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୧୫ ତାରିଖରେ ପଟ୍ଟାମୁଣ୍ଡାଇ ଥାନା ଗୋପ୍ତିରା ଗାଁର ସତ୍ୟଜିତ ବାଇ ୫ଜଣ ସାଙ୍ଗଙ୍କ ସହ ପେଣ୍ଠ ସମୁଦ୍ରରେ ଗାଧୋଇବା ବେଳେ ଭାସିଯାଇଥିଲେ। ବର୍ତ୍ତମାନ ସେ ନିଖୋଜ ଅଛନ୍ତି। ୧ ତାରିଖରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଜରି ଓ ବାଙ୍ଗରା ଗାଁର ଗୌରବ ରଥ ପେଣ୍ଠ ସମୁଦ୍ରରେ ଗାଧୋଇବା ବେଳେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ୧୫ ଦିନ ମଧ୍ୟରେ ଦୁଇଟି ଘଟଣା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

**ଧର୍ମଶାଳା/ଜେନାପୁର,୧୭।୧୧ (ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ଛକରୁ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ପୋଲିସ ମଙ୍ଗଳବାର ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଅଣ୍ଟିଆ ଗ୍ରାମର ଅନାମ ପ୍ରଧାନ। ସୂଚନା ମୁତାବକ ପୂର୍ବାହ୍ନରେ ଅନାମ ବୃନ୍ଦାଦେଇପୁର ବାଲିଘାଟରୁ ଟ୍ରାକ୍ଟରରେ (ନଂ.ଓଆର୦୫ଏଜି-୭୪୮୪) ବାଲି ବୋଝେଇ କରି ଗ୍ରାମକୁ ଯାଉଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ଜେନାପୁରଠାରେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ଏହା ଠିକ୍ ନ ଥିବାରୁ ପୋଲିସ ଗାଡ଼ି ଜବତ କରିଥିବା ସୂଚନା ଦେଇଛି। ଥାନାରେ ୩୭୯/୨୦ରେ ଏକ ମାମଲା ରୁଜୁ ହୋଇଛି।

# ବଢୁଛି ବାଲି ଚୋରାଚାଲାଣ

ଜଗତ୍‌ସିଂହପୁର ଅଫିସ, ୧୭।୧୧



ବଦର ବାଲିଘାଟରୁ ଜବତ ଟ୍ରାକ୍ଟର।

**ଘାଟ ନିଲାମରେ ବିଳମ୍ବ**
- ଟେଣ୍ଡର ଅବଧି ସରିଯାଇଛି
- ଆଶାଜନକ ଚଢ଼ାଉ ହେଉନାହିଁ

ଜଗତ୍‌ସିଂହପୁର ଜିଲାରେ ବାଲି ଚୋରାଚାଲାଣ ବଢୁଛି। ଜିଲାର ବିଭିନ୍ନ ତହସିଲ ଅଧୀନରେ ଚାଲିଥିବା ବାଲିଘାଟଗୁଡ଼ିକର ଟେଣ୍ଡର ଅବଧି ସରିଯାଇଥିବାରୁ ଏଭଳି ଘଟୁଥିବା ଅଭିଯୋଗ ହେଉଛି। ଫଳରେ ରାଜ୍ୟ ସରକାରଙ୍କୁ ବହୁ ରାଜସ୍ୱ ହରାଇବାକୁ ପଡୁଛି। ବାଲି ଚୋରା ଚାଲାଣ ରୋକିବା ପାଇଁ ବିଭିନ୍ନ ତହସିଲ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ କମିଟି ତଥା ସ୍କ୍ୱାଡ୍ ଆଦି ଗଠନ କରାଯାଇଛି। କିନ୍ତୁ କମିଟି/ସ୍କ୍ୱାଡ୍ ପକ୍ଷରୁ ଆଶାଜନକ ଚଢ଼ାଉ ହେଉନାହିଁ। ଜିଲାରେ ମୋଟ ୧୮ଟି ବାଲିଘାଟ ନିଲାମ ହୋଇଛି। ନାଉଗାଁ ତହସିଲ, ବିରିଡ଼ି ଓ ରଘୁନାଥପୁର ଅଧୀନରେ ୩ଟି ଲେଖାଏ ବାଲିଘାଟ ଥିବାବେଳେ ଜଗତ୍‌ସିଂହପୁର ୨ ଓ ତିର୍ତ୍ତୋଲରେ ୭ଟି ରହିଛି। ନାଉଗାଁ, ଜଗତ୍‌ସିଂହପୁର ତହସିଲ ଅଧୀନ ସମସ୍ତ ବାଲି ଘାଟର ଟେଣ୍ଡର ଅବଧି ସରିଯାଇଛି। ଅନ୍ୟ ତହସିଲ ଅଧୀନ କେତୋଟି ଘାଟର ମଧ ଟେଣ୍ଡର ଅବଧି ଶେଷ ହୋଇଛି। ନିକଟ ଭବିଷ୍ୟତରେ ଆଉ କେତୋଟିର ଶେଷ ହେବ। ତେବେ ଯେଉଁ ତହସିଲ ଅଞ୍ଚଳରେ ଟେଣ୍ଡର ଅବଧି ସରିଯାଇଛି ସେଠାରେ ବାଲି ଚୋରା ଚାଲାଣ ବଢୁଛି।। ଏହାର ଜ୍ୱଳନ୍ତ ଉଦାହରଣ ଗତ ରବିବାର ଜଗତ୍‌ସିଂହପୁର ତହସିଲ ଅଧୀନ ବଦର (କୋରୁଆ) ବାଲିଘାଟ ନିକଟରୁ ଦେଖିବାକୁ ମିଳିଛି। ଏଠାରେ ବାଲି ଚୋରା ଚାଲାଣ ହେଉଥିଲା। ଜଗତ୍‌ସିଂହପୁର ପୋଲିସ କୌଣସି ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ଆଇଆଇସି ରଜନୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ଚଢ଼ାଉ କରି ଉକ୍ତ ଘାଟରୁ ୪ ଟ୍ରାକ୍ଟର ଜବତ କରିଛି। ଏହି ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ କେତେଜଣ ଖସିଯାଇଛନ୍ତି। ଅନୁରୂପ ଭାବେ ଜିଲାର ବିଭିନ୍ନ ସ୍ଥାନରୁ ବାଲି ଚୋରି ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲାପାଳ ସରୋଜ କୁମାର ମିଶ୍ର କହିଛନ୍ତି, ବାଲି ଚୋରା ଚାଲାଣକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ। ଏନେଇ ଜୋରଦାର ଚଢ଼ାଉ କରାଯିବ। ଟିମ୍ ଗଠନ କରାଯାଇ ଚୋରା ଚାଲାଣ ରୋକାଯିବ। ଏଥିସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟେଣ୍ଡର ଅବଧି ସରିଥିବା ଓ ନୂଆ ହେବାକୁ ଥିବା ବାଲି ଘାଟଗୁଡ଼ିକର ପୁନଃ ଟେଣ୍ଡର ପାଇଁ ଯଥାଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ। ଏସ୍‌ପି ପ୍ରକାଶ ଆର୍ କହିଛନ୍ତି, ବେଆଇନ ବାଲି ଚୋରା ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

**WANTED**
**RECEPTIONIST** (Female) & **ACCOUNTANT** (Male) for a UNISEX Beauty Saloon At: Paradip. Experienced candidate may contact:
Mob. No.: 9937399588

**URGENTLY REQUIRED**
Urgently required 2 Nos. of experienced **MARKETING MANAGER** for C/F and SP of Nuvoco Vistas Corp. Ltd. **(LAFARGE CEMENT)** for BBSR area.
E-mail:logisticsaikrupa@gmail.com
Mob.-7205181661, 9040096740

**REQUIRED**
Depot Manager, Godown Incharge, Godown Supervisor, Transport/Maintenance Incharge, SAP Operator, Senior and Junior Accountant in a Logistics Firm of MNC Company. Candidates having experience in the respective field will be preferred.
**Walk in Interview: 21.11.20 & 22.11.20 (11 A.M. to 3 P.M.)**
For details Contact : 8420011056 / 9861439980

**REQUIRED**
A reputed Shopping Mall in Dhenkanal District requires: • Mall Manager with 5 years experience • Accountant with Tally experience • Cashier/Billing Assistant - Female only having Computer knowledge • Tele-Caller - Female only • Sales Boys & Girls for Garments Division • Home Delivery Boy with valid Driving Licences.
Contact Immediately: 7008042668, 9090848325
E-mail: cmpl.gk@gmail.com

**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

**MUDRA FINANCE**
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍, ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
7453832600

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
**ବାବା ଅଘୋରୀ ତାନ୍ତ୍ରିକ**
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ପଦଯାତ୍ରା**

**ନୟାଗଡ଼ ଅଫିସ:** ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରେ ଓଡ଼ିଶା ଜନସଚେତନତା ମଞ୍ଚ ଆବାହକ ସତ୍ୟବ୍ରତ ଦାଶ ପଦଯାତ୍ରା ଜାରି ରଖିଛନ୍ତି। ମଙ୍ଗଳବାର ସେ ଶରଣକୁଳ ଦେଇ ନୟାଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ ରେଡ୍‌କ୍ରସ୍ ଭଲ୍ୟୁଣ୍ଟାରି ଫୋରମ୍ ପକ୍ଷରୁ ଚିକୁ ପଟ୍ଟନାୟକ, ବିଭୂତି ପଟ୍ଟନାୟକ ପ୍ରମୁଖ ଓଡଗାଁ ଛକରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ମହାନଦୀ ଜଳ ସମସ୍ୟାର ଶୀଘ୍ର ସମାଧାନ, ପୋଲାଭରମ୍ ପ୍ରକଳ୍ପ ବନ୍ଦ ଆଦି ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ବିଡିଓଙ୍କୁ ସ୍ମାରକପତ୍ର ଦେଇଥିଲେ। ସେଠାରୁ ସେ ରଣପୁର ଅଭିମୁଖେ ବାହାରିଥିଲେ।



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ମାରପିଟ, ୬ ଗିରଫ

**ରସୁଲପୁର,୧୭।୧୧(ଡି.ଏନ.ଏ.):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ରସୁଲପୁର ବ୍ଲକ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତର ଦଳେଇ ସାହି ଓ ସିଂ ସାହି ମଧ୍ୟରେ ରବିବାର ମାରପିଟ ହୋଇଥିଲା। ଏହି ଘଟଣାରେ ପୋଲିସ ସୋମବାର ରାତିରେ ଉଭୟ ପକ୍ଷରୁ ୬ଜଣଙ୍କୁ ଗିରଫ କରିଥିଲା। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସିଂ ସାହିର କେଶବ ସିଂ(୫୦) ସୁଶାନ୍ତ ସିଂହ(୩୧) ଓ ପଦ୍ମଲୋଚନ ସିଂ। ଦଳେଇ ସାହିର ସୁଜିତ ଦଳେଇ(୨୬), ଦାମଦୋର ଦଳେଇ(୩୫) ଏବଂ ମାନଗୋବିନ୍ଦ ଦଳେଇ(୫୦)। ଏହି ମାରପିଟ ଯୋଗୁ ଉଭୟ ପକ୍ଷରୁ ୫ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ଏନେଇ ଦଳେଇ ସାହି ପକ୍ଷରୁ ମୀନା ଦଳେଇ ଓ ସିଂ ସାହିରୁ ନନ୍ଦିତା ଦଳେଇ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଗଣ୍ଡଗୋଳକୁ ପ୍ରଶମିତ କରିଥିଲା। ଉଭୟ ଗୋଷ୍ଠୀ ଏତଲା ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### କ୍ୱାକ୍ ଇଞ୍ଜେକଶନରେ ଶିଶୁପୁତ୍ରର ମୃତ୍ୟୁ

**ନୟାଗଡ ଅଫିସ,୧୭।୧୧:** ନୂଆଗାଁ ଥାନା ମାଳିସର ଗାଁର ରାଜେନ୍ଦ୍ର ପରିଡ଼ା(୧୦)ଙ୍କୁ ଥଣ୍ଡା ଜ୍ୱର ହୋଇଥିଲା। ପରିବାର ଲୋକେ ପୁଅର ଚିକିତ୍ସା ଲାଗି ଗାଁରେ ଥିବା କ୍ୱାକ୍‌ଙ୍କ ପାଖକୁ ନେଇଥିଲେ। ସେ ତାଙ୍କୁ ଇଞ୍ଜେକଶନ ଦେଇଥିଲେ। ପରେ ଶିଶୁଜଣକ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଏହାଦେଖି ପରିବାର ଲୋକେ ଚିକିତ୍ସା ଲାଗି ଶିଶୁପୁତ୍ରକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଶିଶୁ ପୁତ୍ର ଜଣକ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ନୟାଗଡ ଟାଉନ ଥାନା ପୋଲିସ ମୃତଦେହ ଜବତ କରିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

### ପୋଲିସ କହି ଘରେ ପଶି ଚୋରି

**ଡେରାବିଶ, ୧୭।୧୧(ସ୍ୱ.ପ୍ର.):** ପୋଲିସ୍ ପରିଚୟ ଦେଇ ଘର ଲୋକଙ୍କୁ ମାରଣାସ୍ତ୍ର ଦେଖାଇ କଳାକନା ବୁଲାଇଛନ୍ତି ଚୋର। ଏଭଳି ଘଟିଛି ନିକିରେଇ ଥାନା ମଙ୍ଗଳପୁର ଗାଁରେ। ଗାଁର ସୁଧାଂଶୁ ଶେଖର ବାରିକଙ୍କ ଘରେ ରବିବାର ବିଳମ୍ବିତ ରାତିରେ ପରିବାର ସଦସ୍ୟମାନେ ବିଶ୍ରାମ ନେଇଥିଲେ। ରାତି ୨ଟାରେ ୫ଜଣ ଯୁବକ ବାଇକ୍ ଯୋଗେ ଆସି ତାଙ୍କ ଘର କବାଟ ବାଡ଼େଇଥିଲେ। ନିଜକୁ ପୋଲିସ୍ ପରିଚୟ ଦେବା ପରେ ପରିବାର ଲୋକେ କବାଟ ଖୋଲିଥିଲେ। ହଠାତ୍ ୪ ଜଣ ଯୁବକ ଘର ଭିତରକୁ ପଶିଯାଇ ପରିବାର ସଦସ୍ୟଙ୍କୁ ମାରଣାସ୍ତ୍ର ଦେଖାଇବା ସହ ସୁଧାଂଶୁଙ୍କୁ ଏକ ଦଉଡ଼ିରେ ବାନ୍ଧି ପକାଇଥିଲେ। ପରେ ଘରେ ଥିବା ସମସ୍ତ ସୁନା, ରୁପା ଅଳଙ୍କାର, ନଗଦ ଟଙ୍କା ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇ ପଳାଇଥିଲେ। ଏ ସଂକ୍ରାନ୍ତରେ ସୋମବାର ସୁଧାଂଶୁ ଥାନାରେ ଅଭିଯୋଗ କରିବା ପରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଥାନାରେ ନଂ. ୧୪୬/୨୦ରେ ମାମଲା ରୁଜୁ ହୋଇଛି।

### ବିଶ୍ୱ ଭାଷା ସଂସ୍କୃତ ଉପରେ ୱେବିନାର

**ପଟ୍ଟାମୁଣ୍ଡାଇ,୧୭।୧୧(ସ୍ୱ.ପ୍ର.):** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀରାଧାରମଣ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଭାଷା ସଂସ୍କୃତ ଉପରେ ସମ୍ପ୍ରତି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଡ. ହରିହର ହୋତା ଯୋଗଦେଇ ସଂସ୍କୃତ ଭାଷା କିପରି ସମଗ୍ର ବିଶ୍ୱକୁ ଧରି ରଖିପାରିଛି ତାହା ଉପରେ ବିଭିନ୍ନ ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରେକୃଷ୍ଣ ଶତପଥୀ, ଡ. ପ୍ରଫୁଲ୍ଲ କୁମାର ପଣ୍ଡା, ନୃସିଂହ ଚରଣ ପଣ୍ଡା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଡ. ରାଜେନ୍ଦ୍ର ପ୍ରସାଦ, ବାଙ୍ଗାଲୋରର ଏମ. ଭି. ରମେଶ ଜୋଏସ, ଡ. ବସନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ରାଧାରମଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମଲ୍ଲିକ, ଅଧ୍ୟାପକ ପ୍ରମୋଦ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭରସା ଜିତିପାରୁନି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ବରୀ,୧୭।୧୧(ଡି.ଏନ.ଏ.)**



ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

- ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅସାମାଜିକଙ୍କ ଆଡ୍ଡାସ୍ଥଳ
- ଜିଲାପାଳ, ମୁଖ୍ୟ ଚିକିତ୍ସାଧିକାରୀ ଓ ୫-ଟି ସଚିବଙ୍କୁ ଅଭିଯୋଗ

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଲୋକଙ୍କ ଭରସା ଜିତିବାରେ ବିଫଳ ହୋଇଛି। ଲୋକେ ଏହା ଉପରେ ଭରସା କରି ନିରାଶ ହେଉଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୫ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ଯଥା: ବାଲିଆ, ରତ୍ନଗିରି, କୃଷ୍ଣନଗର, କଳାମାଟିଆ ଓ ଅଙ୍ଗାଳୋରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। କାରଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୫ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ରୋଗୀସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଖାମଖିଆଲ ମନୋଭାବ ଓ ଅନୁପସ୍ଥିତ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଲୋକେ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ୫-ଟି ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରି ସମାଧାନ ପାଇଁ ନିବେଦନ କରିଛନ୍ତି। ଯଦି ଏସବୁ ଦିଗରେ ଧ୍ୟାନ ଦିଆ ନ ଯାଏ ତେବେ ଆନ୍ଦୋଳନ ଗଢ଼ି ଉଠିବ ବୋଲି ମତପ୍ରକାଶ ପାଇଛି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଠିକ୍‌ରେ ସ୍ୱାସ୍ଥ୍ୟସେବା ମିଳି ପାରୁନାହିଁ। ସେମାନଙ୍କ ସମ୍ପର୍କୀୟ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଦୁର୍ବ୍ୟବହାର ଶିକାର ହେଉଛନ୍ତି। କେତେଜଣ ସ୍ଥାନୀୟ ଯୁବକ ଡାକ୍ତରମାନଙ୍କୁ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଔଷଧ ଲେଖିବାକୁ ବାଧ କରୁଛନ୍ତି। ଦନ୍ତ ବିଭାଗ ଡାକ୍ତର, ଚକ୍ଷୁ ବିଭାଗ କର୍ମଚାରୀ ଓ ଲ୍ୟାବ ଦାୟିତ୍ୱରେ ଥିବା କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି। ଯଦ୍ୱାରା ରୋଗୀମାନେ ବାଧ ହୋଇ ବାହାରେ ପରୀକ୍ଷା କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏତଦ୍‌ବ୍ୟତୀତ ଅନ୍ତର୍ବିଭାଗରେ ଚିକିତ୍ସାଧୀନ ରୋଗୀଙ୍କୁ ଖାଦ୍ୟ ଯୋଗାଇ ଦେବାର ନିୟମ ରହିଥିବା ବେଳେ ସେମାନଙ୍କୁ ଏହି ଖାଦ୍ୟ ଦିଆଯାଉ ନାହିଁ ବୋଲି ରୋଗୀ ରୀତା ବେହେରା ଅଭିଯୋଗ କରିଛନ୍ତି। ଅନେକ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ଲେଖୁଥିବା ଔଷଧ ଡାକ୍ତରଖାନାରେ ଉପଲବ୍ଧ ହେଉନାହିଁ। ତେଣୁ ରୋଗୀମାନେ ବାଧହୋଇ ବାହାରୁ ଔଷଧ କିଣୁଛନ୍ତି। ଏସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଏସ୍‌କେ ସବିର କହିଛନ୍ତି, ଯେଉଁ ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ତଥାପି ତଦନ୍ତ କରାଯାଉ ବୋଲି ସେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ଖାଲି ପଦବୀ ପୂରଣ ପାଇଁ ସରକାରଙ୍କୁ ଚିଠି

**ରାଜନଗର,୧୭।୧୧(ଡି.ଏନ.ଏ.)**

**ରାଜନଗର ପଞ୍ଚାୟତ ସମିତି ବୈଠକ**

ରାଜନଗର ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେଶନ ଅଧକ୍ଷ ଜୟରାମ ସେଠୀଙ୍କ ପୌରୋହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଅଧକ୍ଷ ଶୋକ ପ୍ରସ୍ତାବ ଆଗତ କରିଥିଲେ। କରୋନା ମହାମାରୀରେ ରାଜନଗର ବ୍ଲକର କନିଷ୍ଠଯନ୍ତ୍ରୀ ବିଶ୍ୱଭୂଷଣ ଭୂୟାଁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଜଗବନ୍ଧୁ ନାୟକଙ୍କ ମୃତ୍ୟୁ ଘଟିଛି। ଏଥିସହ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତଙ୍କ ପରଲୋକ ହୋଇଛି। ଏମାନଙ୍କ ସହ ସମସ୍ତ ଦିବଂଗତ କୋଭିଡ ଯୋଦ୍ଧାଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ବେଳେ ହାତିନା ପଞ୍ଚାୟତର ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ ଉନ୍ନୟନ କାମ ମାଟି କାମୁଡ଼ି ପଡ଼ିଛି ବୋଲି କହିଥିଲେ। ଜଣେ ଜେଇ ୫ରୁ ୬ଟି ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। ଦେଢବର୍ଷ ହେଲା କାମ ସରିଥିଲେ ବି ବିଲ୍ ହୋଇପାରୁନି। ପ୍ରଥମେ ଖାଲି ପଡ଼ିଥିବା ଯନ୍ତ୍ରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ କରାଯାଉ ଓ ପରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଦାବି କରିଥିଲେ। ଏହାକୁ କୁରୁଣ୍ଟି ପଞ୍ଚାୟତର ସରପଞ୍ଚ ଜ୍ଞାନର ସ୍ୱାଇଁ, ରାଜପୁର ପଞ୍ଚାୟତର ସରପଞ୍ଚ ନିମାଇଁ ଚରଣ ରାଉତ ସମର୍ଥନ କରିଥିଲେ। ରାଜନଗର ବ୍ଲକରେ ଖାଲି ପଡ଼ିଥିବା କନିଷ୍ଠଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ ପାଇଁ ରେଜ୍ୟୁଲେଶନ କରାଯାଇ ରାଜ୍ୟ ସରକାର ଓ କେନ୍ଦ୍ରାପଡା ଜିଲାପାଳଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, ଜିପିଇଓ ଧର୍ମାନନ୍ଦ ଦାସଙ୍କ ସମେତ ସମସ୍ତ କନିଷ୍ଠଯନ୍ତ୍ରୀ ଏବଂ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ।

# ‘ବିଜେଡିକୁ ଅଧିକ କ୍ରିୟାଶୀଳ କରାଯିବ’



ବିଜେଡି ସାଙ୍ଗଠନିକ ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସମେତ ଅନ୍ୟମାନେ।

**ବାଲିକୁଦା,୧୭।୧୧(ସ୍ୱ.ପ୍ର.)**

**ବିଜେଡିର ସାଙ୍ଗଠନିକ ବୈଠକ**

ବାଲିକୁଦା ବିଜେଡିର ସାଙ୍ଗଠନିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ଘରୋଇ ମଣ୍ଡପରେ ଆୟୋଜିତ ବୈଠକରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ସଭାପତିତ୍ୱ କରିଥିଲେ। ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁ ନନ୍ଦନ ଦାସ ଯୋଗଦେଇ ବିଜେଡିକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି କହିଥିଲେ। ଏହି ଅବସରରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ୧୧ ଜଣିଆ କାର୍ଯ୍ୟକାରୀ କମିଟିଙ୍କ ନାମ ଘୋଷଣା କରାଯାଇଥିଲା। ଏଥିସହ ୩୦ ପଞ୍ଚାୟତର ସଭାପତି ଏବଂ ୨୧ ଜଣିଆ ବ୍ଲକ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ ବାଲିକୁଦା ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧକ୍ଷ ରାଖାଲ ଦାସ, ଏରସମା ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସ୍ୱର୍ଣ୍ଣଲତା ସେନାପତି, ଗୀତାଞ୍ଜଳି ସ୍ୱାଇଁ, ଇତିଶ୍ରୀ ଭୂୟାଁ ଓ ଦୀପ୍ତିରଞ୍ଜନ କୁଅଁର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ପ୍ରଫୁଲ୍ଲ ଦାସ, ତାପସ ନାୟକ ମାନସ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସରୋଜ ମହାପାତ୍ର ଓ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟକ୍ତିଗତ ଡିଜେଲ ପମ୍ପରେ ଖୁଲମଖୁଲା ବେପାର

**ରାଜନଗର,୧୭।୧୧(ଡି.ଏନ.ଏ.)**

**ଯୋଗାଣ ବିଭାଗର ଚଢ଼ାଉ**

ରାଜନଗର ବ୍ଲକର ତାଳଚୁଆର ରାଜେନ୍ଦ୍ରନଗର ମୌଜାରେ ଥିବା ଏକ ବ୍ୟକ୍ତିଗତ ଡିଜେଲ ପମ୍ପରେ ଖୁଲମଖୁଲା ବେପାରକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇଛି। ତାଳଚୁଆର ଉପାସନା ସି ଫୁଡ ପକ୍ଷରୁ ଏହି ଏଚଏସ୍‌ଡି କୁମର ପମ୍ପ ଖୋଲାଯାଇ ବେଧଡକ ଭାବେ ବ୍ୟବସାୟ କରାଯାଉଛି। ଏ ନେଇ ଅଭିଯୋଗ ହେବା ପରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ରଶ୍ମିତା ସାହୁ, ରାଜନଗର ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ, ରାଜନଗର ତହସିଲଦାର ଭୋଳାନାଥ ସେଠୀ ପ୍ରମୁଖ ସନ୍ଧ୍ୟାରେ ବ୍ୟକ୍ତିଗତ ଡିଜେଲ ପମ୍ପରେ ପହଞ୍ଚି ଚଢାଉ କରିଛନ୍ତି। ବିଭିନ୍ନ କାଗଜପତ୍ର ତନଖି ସହ ତେଲର ନମୂନା ସଂଗ୍ରହ କରାଯାଇଛି। ତେଲର ମାନ ଠିକ୍ ଅଛି ନା ନାହିଁ ଜାଣିବାକୁ ଏହା ପରୀକ୍ଷା ପାଇଁ ପଠାଯିବ। ଏହି ବ୍ୟକ୍ତିଗତ ହାଇସ୍ପିଡ ଡିଜେଲ କୁମର ପମ୍ପରେ କିପରି ଲୋକଙ୍କୁ ଓ ବାହାର ଗାଡିକୁ ତେଲ ଯୋଗାଇ ଦିଆଯାଉଥିଲା, ସେ ନେଇ ଚଢାଉ ଜାରି ରହିଛି। ଚିଙ୍ଗୁଡ଼ି ଘେରି ଓ ଟ୍ରଲର ଲାଗି ଡିଜେଲ ବ୍ୟବହାର କରିବାକୁ ବ୍ୟକ୍ତିଗତ ଡିଜେଲ ପମ୍ପ ନିମନ୍ତେ ଅନୁମତି ଦିଆଯାଇଛି। ହେଲେ ସେ ହାଇସ୍ପିଡ ଡିଜେଲ ସମସ୍ତ ଗାଡିକୁ ଚଢା ଦରରେ ବିକ୍ରି କରୁଥିଲେ।

# ବାପା ନେଇଯାଉଛନ୍ତି ମଧ୍ୟାହ୍ନଭୋଜନ ଚାଉଳ, ଟଙ୍କା


କୁନିଝିଅ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେଉଛନ୍ତି।

**ଜିଲାପାଳଙ୍କ ନିକଟରେ କୁନିଝିଅର ଅଭିଯୋଗ**

**କେନ୍ଦ୍ରାପଡ଼ା ଅଫିସ, ୧୭।୧୧:** ବାପା ନେଇଯାଉଛନ୍ତି ମଧ୍ୟାହ୍ନଭୋଜନ ଚାଉଳ ଓ ଟଙ୍କା। କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ସୋମବାର ଏପରି ଏକ ସ୍ୱର୍ଶକାତର ଅଭିଯୋଗ ଆଣିଛନ୍ତି ମାର୍ଶାଘାଇ ବ୍ଲକ ଦୁମୁକା ପ୍ରାଥମିକ ବିଦ୍ୟାଳୟର ଷଷ୍ଠଶ୍ରେଣୀ ଛାତ୍ରୀ ସୁଶ୍ରୀ ସଙ୍ଗୀତା ସେଠୀ। ଏଥିପାଇଁ ସେ ଦୁମୁକା ଗ୍ରାମରୁ ୧୦ କିଲୋମିଟର ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

ବାପାଙ୍କ ବିରୋଧରେ ଅଭିଯୋଗ ଆଣିଥିବା କୁନିଝିଅର କାହାଣୀ ମଧ୍ୟ କରୁଣ ଚିତ୍ର ପ୍ରଦାନ କରୁଛି। ସଙ୍ଗୀତାଙ୍କ ବୟସ ୧୧। ମା’ଙ୍କର ଗତ ଦୁଇବର୍ଷ ପୂର୍ବେ ମୃତ୍ୟୁ ହୋଇଛି। ଏହାପରେ ବାପା ରମେଶ ଚନ୍ଦ୍ର ସେଠୀ ପୁନଃ ବିବାହ କରିଛନ୍ତି। ବିବାହର କିଛିଦିନ ପରେ ସଙ୍ଗୀତା ଅବହେଳାର ଶିକାର ହେବାରୁ ଏବେ ନିଜ ଦାଦାଙ୍କ ଘରେ ରହୁଛନ୍ତି। ସଙ୍ଗୀତାଙ୍କ ଅଭିଯୋଗ ଅନୁଯାୟୀ, କରୋନା ସଂକ୍ରମଣ ପାଇଁ ବିଦ୍ୟାଳୟ ବନ୍ଦ ରହିଛି। ତେବେ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନଭୋଜନ ବାବଦ ଦୈନିକ ୧୫୦ ଗ୍ରାମ ଚାଉଳ ଓ ୮ଟଙ୍କା ୧୦ ପଇସା ପ୍ରତିମାସରେ ଥରେ ଲେଖାଏ ଛାତ୍ରୀଛାତ୍ରଙ୍କୁ ଦିଆଯାଉଛି। ନିଜ ନାମରେ ବ୍ୟାଙ୍କ ଆକାଉଣ୍ଟ ଥିଲେ ମଧ୍ୟ ବାପାଙ୍କ ଆକାଉଣ୍ଟକୁ ଟଙ୍କା ଦିଆଯାଉଛି। ସେହିପରି ଚାଉଳକୁ ବାପା ନେଇ ଯାଉଛନ୍ତି। ଏହା ଜାଣିବା ପରେ ଜିଲାପାଳ ବର୍ମା ଜିଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ କହିଛନ୍ତି, ଜିଲାପାଳଙ୍କୁ ସଙ୍ଗୀତାଙ୍କ ଅଭିଯୋଗ ପରେ ଏହାର ତଦନ୍ତ ହୋଇଛି। ମଧ୍ୟାହ୍ନଭୋଜନ ପାଇଁ ଉଦ୍ଦିଷ୍ଟ ଚାଉଳ ଓ ଟଙ୍କା ନେବା ପାଇଁ ବାପା ରମେଶ ଉଦ୍ୟମ କରିଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଦେଇନାହାନ୍ତି। ସଙ୍ଗୀତାଙ୍କ ଆକାଉଣ୍ଟରେ ଟଙ୍କା ଓ ଚାଉଳ ଦିଆଯିବା ପାଇଁ ପରିଚାଳନା କମିଟିକୁ ମଙ୍ଗଳବାର ଚିଠି ହୋଇଛି।

# ୨.୫ କି.ମି. ରାସ୍ତାରେ ପିଲାଙ୍କ ଯିବା ଅସୁରକ୍ଷିତ

**କେନ୍ଦ୍ରାପଡା ଅଫିସ, ୧୭।୧୧**

**ବିଦ୍ୟାଳୟ ମିଶ୍ରଣକୁ ଦୃଢ଼ ବିରୋଧ**

ପଟ୍ଟାମୁଣ୍ଡାଇ ବ୍ଲକ ଓଟାରବାଙ୍କ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟକୁ ଅରଡପଲ୍ଲୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଏହାକୁ ସାହିର ୫୦ରୁ ଅଧିକ ଅଧିବାସୀ ଦୃଢ଼ ବିରୋଧ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣଧାରଣା ଦେଇ ପ୍ରତିବାଦ ଜଣାଇବା ସହ ଏଡିଏମ୍‌ଙ୍କୁ ଏ ସଂକ୍ରାନ୍ତ ଏକ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି କୃତ୍ତିବାସ ନାୟକ କହିଛନ୍ତି, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହୋଇଥାଏ। ସ୍କୁଲରେ ୩୬ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୪୨ରେ ପହଞ୍ଚିଛି। ତେବେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହି ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷାର୍ଥୀଙ୍କ ସଂଖ୍ୟା କମ୍ ଦର୍ଶାଇ ଉଚ୍ଚ ବିଦ୍ୟାଳୟ ସହ ମିଶାଇ ଦେଇଛନ୍ତି। ହରିଜନସାହିଠାରୁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଦୂରତା ପ୍ରାୟ ୨.୫ କି.ମି.। ଏହି ଦୂରତାକୁ ଅତିକ୍ରମ ପାଇଁ ମାଳିବସା ଛକ ଓ ବାବର ରାସ୍ତାରେ ଯିବାକୁ ପଡିବ। ରାସ୍ତାରେ ବହୁ ସଂଖ୍ୟକ ଗାଡି ଚଳାଚଳ କରୁଛି। ୧୦ ବର୍ଷ ମଧ୍ୟରେ ଥିବା ପିଲାମାନେ ଯାତାୟାତ ସମୟରେ ଦୁର୍ଘଟଣାର ଶିକାର ହେବା ଆଶଙ୍କା ରହିଛି। ରାଜ୍ୟ ସରକାର ୧ କି.ମି. ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ରଖିବାକୁ ନିଷ୍ପତ୍ତି ନେଇଥିବା ବେଳେ ଏପରି ବିଦ୍ୟାଳୟ ମିଶ୍ରଣ କାହିଁକି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ କହିଛନ୍ତି, ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ ଥିବାରୁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ସହ ମିଶାଇ ଦିଆଯାଇଛି। ଏହାଦ୍ୱାରା ଶିକ୍ଷାଦାନ ସହଜ ହେବ ବୋଲି ସେ କହିଛନ୍ତି।

# ବେଆଇନ ବେଣିପୁର ବାଲିଘାଟକୁ ସିଲ୍ କଲା ପ୍ରଶାସନ

**ଡେରାବିଶ, ୧୭।୧୧(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ବିରୂପା ନଦୀର ବେଣିପୁରଠାରେ ଦୀର୍ଘଦିନ ହେବ ବେଆଇନ ଭାବେ ଚୋରାରେ ଚାଲିଥିବା ବାଲି ଘାଟକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଏଥିଯୋଗୁ ନଦୀବନ୍ଧ ଦୁର୍ବଳ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନ ପାଖରେ ଅଭିଯୋଗ ହେଉଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇ ମଙ୍ଗଳବାର ଚଢାଉ କରାଯାଇଥିଲା। ଅତିରିକ୍ତ ଜିଲାପାଳ ନରହରି ପୃଷ୍ଟି, ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ର, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଡେରାବିଶ ତହସିଲଦାର ସସ୍ମିତ ଶତପଥୀ, ସଦର ଥାନାଧିକାରୀ ପ୍ରମୋଦ ମଲ୍ଲିକ ଚଢାଉରେ ସାମିଲ ଥିଲେ।

# ପୁନର୍ବିଚାର ନ ହେଲେ ଆନ୍ଦୋଳନ ଚେତାବନୀ

**କମ୍ ଛାତ୍ରୀଛାତ୍ର ଥିବା ୧୪୫ ସ୍କୁଲ ବନ୍ଦ ହେବ**

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ ଜିଲାରେ କମ୍ ଛାତ୍ରୀଛାତ୍ର ଥିବା ୧୪୫ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ବନ୍ଦ ହେବା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ନୟାଗଡ ବ୍ଲକ ଓ ନୟାଗଡ଼ ମ୍ୟୁନିସିପାଲିଟିର ୧୭ ସ୍କୁଲ ରହିଛି। ଜିଲାର ବିଭିନ୍ନ ବ୍ଲକରେ ଥିବା ସ୍କୁଲ ବନ୍ଦ ନେଇ ଜିଲା ଶିକ୍ଷା କାର୍ଯ୍ୟାଳୟରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଚିଠି ଯାଇ ସାରିଛି। ଜିଲାର ଏକାଧିକ ବ୍ଲକ ଶିକ୍ଷା ଅଧିକାରକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍କୁଲ ବନ୍ଦ ସମ୍ପର୍କରେ ନିର୍ଦ୍ଦେଶନାମା ବାହାରି ସାରିଲାଣି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆପ୍ରୁଭାଲ ଷ୍ଟାଟସ୍ ରିପୋର୍ଟ ଆସିବା ପରେ କେଉଁ ବ୍ଲକରୁ କେତେ ସ୍କୁଲ ବନ୍ଦ ହେଲା ତାହା ସ୍ପଷ୍ଟ ହୋଇଯିବ। ତେବେ ସ୍କୁଲ ବନ୍ଦ ନେଇ ଅଭିଭାବକ ଜାଣିବା ପରେ ଅଧିକାଂଶ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ସ୍ତରରେ ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ହେବ ବୋଲି ଅନେକ ଗାଁର ଲୋକ କହିସାରିଲେଣି। କେତେକ ଗାଁର ଲୋକ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସ୍ଥାନୀୟ ବିଧାୟକଙ୍କୁ ପ୍ରତିବାଦ ଜଣାଇଛନ୍ତି।

ପ୍ରାଥମିକ ସ୍କୁଲରେ ୨୦ ଓ ଉଚ୍ଚ ପ୍ରାଥମିକରେ ୪୦ରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲ ବନ୍ଦ ହେବା ନେଇ ନିର୍ଦ୍ଦେଶ ଆସିବା ପରେ ମିଶ୍ରଣ ପର୍ବ ଓ ସ୍କୁଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ଜିଲାସାରା ପ୍ରତିକ୍ରିୟା ଦେଖାଦେଇଛି। ଅନ୍ୟପକ୍ଷେ ସ୍କୁଲ ବନ୍ଦ ହେବା ଜଣାପଡିବା ପରେ ଅନେକ ଅଭିଭାବକ ଚିନ୍ତାରେ ପଡିଯାଇଛନ୍ତି। କେଉଁଠି ରାଜ୍ୟ ଓ ଜାତୀୟ ରାଜପଥ ତ ଆଉ କେଉଁଠାରେ ନଦୀ, ନାଳ ପାର ହୋଇ ଯିବାକୁ ପଡିବ। ପୁଣି ଆଉ କେଉଁଠାରେ ଦୂରତା ଅଧିକ ହେଉଛି। ପାଠ ପଢ଼ିବା ପାଇଁ ଛୋଟ ଛୋଟ ପିଲାମାନଙ୍କୁ ସ୍କୁଲ ଛାଡି ଚିନ୍ତାରେ ରହିବାକୁ ଅନେକ ଅଭିଭାବକ ଇଚ୍ଛା କରୁ ନାହାନ୍ତି।

# ଉନ୍ନୟନ କାର୍ଯ୍ୟ ତାଲିକାରେ ରହିଲାନି ତାଳମେଳ

**ନିର୍ବାଚନମଣ୍ଡଳୀ ଉନ୍ନତୀକରଣ ବୈଠକ**

**ନାଉଗାଁ ,୧୭।୧୧(ସ୍ୱ.ପ୍ର.)**


ବୈଠକରେ ଜିଲାପାଳ, ବିଧାୟକ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

ଜଗତ୍‌ସିଂହପୁର ନିର୍ବାଚନୀମଣ୍ଡଳୀର ଉନ୍ନତୀକରଣ ବୈଠକ ନାଉଗାଁ ବ୍ଲକର ଜ୍ୟୋତି ଫେଡ୍‌ରେଶନ ହଲରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ର ଏଥିରେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ନାଉଗାଁ ଓ ଜଗତସିଂହପୁର ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୋନା ମହାମାରୀ ପାଇଁ ପଛାଇଯାଇଛି ବୋଲି କହିଥିଲେ। ତୁରନ୍ତ ଏସବୁ କାର୍ଯ୍ୟ ଶେଷ କରିବାଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନାଉଗାଁ ବ୍ଲକରେ ଆବାସ ଯୋଜନାରେ ୨୦୧୬ -୧୭ ଆର୍ଥିକ ବର୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୯୩୬ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେଥିରୁ ୮୧୫ ଗୃହ ସମ୍ପୂର୍ଣ୍ଣ, ୧୨୧ ଅର୍ଦ୍ଧ ସମ୍ପୂର୍ଣ୍ଣ ଓ ୫୭ଟି କାର୍ଯ୍ୟାରମ୍ଭ ହୋଇ ନ ଥିବା ବିଡିଓ ରଶ୍ମିରେଖା ମଲିକ କହିଥିଲେ। ବ୍ଲକ ପ୍ରଶାସନର ତଥ୍ୟ ସହ ଜିଲା ପ୍ରଶାସନ ତଥ୍ୟର ତାଳମେଳ ନ ରହିବାରୁ ବିଧାୟକ ଓ ଜିଲାପାଳ ଅସନ୍ତୋଷବ୍ୟକ୍ତ କରିଥିଲେ। ୩ ଦିନ ମଧ୍ୟରେ ଠିକ୍ ତଥ୍ୟ ପ୍ରଦାନ କରିବାକୁ ବିଧାୟକ ଉଭୟ ବ୍ଲକର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଏଫ୍‌ସିଏସସିରେ ଯୋଗାଇ ଦିଆଯାଇଥିବା ଅର୍ଥ କେତେ ଖର୍ଚ୍ଚ ହୋଇଛି ଓ କେତେ ବଳକା ରହିଛି ଏହାର ମଧ୍ୟ ତଥ୍ୟ ମିଳି ପାରି ନ ଥିଲା। ପୁନର୍ବାର ତଥ୍ୟ ସଂଗ୍ରହ କରି ପ୍ରଦାନ କରିବାକୁ ବିଡିଓଙ୍କୁ କୁହାଯାଇଥିଲା। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୧ ଲକ୍ଷ ୫୦ ହଜାର ୪୩୨ଟି ଶ୍ରମ ଦିବସ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ୬୮ ହଜାର ୨୩୬ ଶ୍ରମ ଦିବସରେ କାର୍ଯ୍ୟ କରାଯାଇ ୧ କୋଟି ୭୪ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ କରାଯାଇଥିବା ଏପିଓ ରାଜ କିଶୋର ପରିଡା ସୂଚନା ଦେଇଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସାରିବାକୁ କହିଥିଲେ। ଏହି ଅବସରରେ କୃଷି, ଜଳ ପରିମଳ ବିଭାଗ, ବିଦ୍ୟୁତ, ଉଦ୍ୟାନ ବିଭାଗ ,ଯୋଗାଣ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବିଭାଗରେ ବାକି ରହିଥିବା କାର୍ଯ୍ୟକୁ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଏଡିଏମ ସଚ୍ଚିଦାନନ୍ଦ ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତି, ଉପ ଜିଲାପାଳ ଧର୍ମାନନ୍ଦ ମଲିକ, ପଞ୍ଚାୟତ ସମିତି ଅଧକ୍ଷ ଜଗନ୍ନାଥ ଦାସ, ବିଡିଓ ରଶ୍ମିରେଖା ମଲିକ, ସହକାରୀ ଯନ୍ତ୍ରୀ କୈଳାସ ବେହେରା, ତହସିଲଦାର ଜେ.କଳ୍ପନା ଙ୍କ ସମେତ ଜିଲା ଓ ବ୍ଲକସ୍ତରର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

